ଟେଷ୍ଟ ବୁକ୍‌ଲେଟ୍ କୋଡ୍
Test Booklet Code

# RAMA

**ODIA+ENGLISH**

Test Booklet Number

# F

**ନିର୍ଦ୍ଦେଶ ନ ପାଇବା ପର୍ଯ୍ୟନ୍ତ ବୁକ୍‌ଲେଟ୍ ଖୋଲ ନାହିଁ ।**
**Do not open this Test Booklet until you are asked to do so.**

ଏହି ବୁକ୍‌ଲେଟ୍‌ରେ **36** ପୃଷ୍ଠା ଅଛି।
This Booklet contains **36** pages.

**ଏହି ବୁକ୍‌ଲେଟ୍‌ର ପଛ ପୃଷ୍ଠାରେ ଥିବା ସୂଚନାକୁ ଧ୍ୟାନ ସହକାରେ ପଢ଼ ।**
**Read carefully the Instructions on the Back Cover of this Test Booklet.**

**ପରୀକ୍ଷାର୍ଥୀଙ୍କ ନାମ (ବଡ଼ ଅକ୍ଷରରେ) :**
Name of the Candidate (in Capitals) : ____________________

**ରୋଲ ନମ୍ବର** : ସଂଖ୍ୟାରେ
Roll Number : in figures ____________________
: ଅକ୍ଷରରେ
: in words ____________________

**ପରୀକ୍ଷା କେନ୍ଦ୍ର (ବଡ଼ ଅକ୍ଷରରେ) :**
Centre of Examination (in Capitals) : ____________________

**ପରୀକ୍ଷାର୍ଥୀଙ୍କ ସ୍ୱାକ୍ଷର :**
Candidate's Signature : ____________________

**ନିରୀକ୍ଷକଙ୍କ ସ୍ୱାକ୍ଷର :**
Invigilator's Signature : ____________________

Facsimile signature stamp of
Centre Superintendent : ____________________

**କୌଣସି ପ୍ରଶ୍ନର ଅନୁବାଦ ଅସ୍ପଷ୍ଟ ଥିଲେ, ଇଂରାଜୀ ଭାଷାରେ ଥିବା ପ୍ରଶ୍ନକୁ ଠିକ୍ ବୋଲି ବିବେଚନା କରାଯିବ ।**
**In case of any ambiguity in translation of any question, English version shall be treated as final.**

## ନିର୍ଦ୍ଦେଶାବଳୀ / INSTRUCTIONS

**1.** ଏହି ପ୍ରଶ୍ନପତ୍ର ପୁସ୍ତିକାରେ ଚାରୋଟି ବିଭାଗ ଅଛି । ବିଭାଗ **"A"** **ଭାଷାରେ** **25** ଟି ପ୍ରଶ୍ନ ଅଛି, ପ୍ରତ୍ୟେକ ପ୍ରଶ୍ନ **2** ମାର୍କର ଅଟେ । ବିଭାଗ **"B"** ଗଣିତରେ **50** ଟି ପ୍ରଶ୍ନ ଅଛି, ପ୍ରତ୍ୟେକ ପ୍ରଶ୍ନ **3** ମାର୍କର ଅଟେ । ବିଭାଗ **"C"** ସାଧାରଣ ଜ୍ଞାନ ଏବଂ ବିଭାଗ **"D"** ବୁଦ୍ଧିମତ୍ତା **(Intelligence)** ରେ **25** ଟି ପ୍ରଶ୍ନ ଅଛି, ପ୍ରତ୍ୟେକ ପ୍ରଶ୍ନ **2** ମାର୍କର ଅଟେ । ପ୍ରଶ୍ନପତ୍ରରେ ସମୁଦାୟ **125** ଟି ପ୍ରଶ୍ନ ଅଛି ଏବଂ ସମୁଦାୟ ମାର୍କ **300** ଅଟେ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।

This question paper booklet contains FOUR sections. **Section "A" Language** contains 25 questions of 2 marks each. **Section "B" Mathematics** contains **50** questions of 3 marks each. **Section "C" General Knowledge** and **Section "D" Intelligence** contain **25** questions of **2** marks each. In all, the paper consists of **125** questions for a total of **300** marks. Answer all questions.

**2.** ପରୀକ୍ଷାଟିର ସମୟ ସୀମା **2** ଘଣ୍ଟା ଏବଂ **30** ମିନିଟ୍ । (**150** ମିନିଟ୍) ।

Duration of the test is 2 hours and 30 minutes. (150 minutes)

**3.** ପରୀକ୍ଷାର୍ଥୀ ମାନେ ଦିଆଯାଇଥିବା **13** ଟି ଭାଷା ମଧ୍ୟରୁ ଗୋଟିଏ ଚୟନ କରିବେ : ଅସମୀୟା, ବଂଗାଳୀ, ଇଂରାଜୀ, ଗୁଜୁରାଟି, ହିନ୍ଦୀ, କନ୍ନଡ଼, ମାଲୟାଲମ୍, ମରାଠି, ଓଡିଆ, ପଞ୍ଜାବୀ, ତାମିଲ୍, ତେଲୁଗୁ ଏବଂ ଉର୍ଦ୍ଦୁ, ଆବେଦନ ସମୟରେ ଯାହା ବାଛିଥିବେ ।

Candidates are required to choose any of the following 13 languages : Assamese, Bengali, English, Gujarati, Hindi, Kannada, Malayalam, Marathi, Odia, Punjabi, Tamil, Telugu or Urdu, while applying.

**4.** ଯେଉଁ ପରୀକ୍ଷାର୍ଥୀ ମାନେ ଇଂରାଜୀ ଏବଂ ହିନ୍ଦୀରେ ଉତ୍ତର ଦେବାକୁ ଚୟନ କରିଥିବେ ସେମାନଙ୍କର ପ୍ରଶ୍ନବହିଟି ଦ୍ୱିଭାଷୀୟ (ଇଂରାଜୀ ଏବଂ ହିନ୍ଦୀ) ହୋଇଥିବ ।

Question paper booklet for those who opted for English or Hindi will be bilingual (i.e. in English and in Hindi).

**5.** ପ୍ରଦତ୍ତ ଭାଷା ମଧ୍ୟରେ କୌଣସି ଭାଷା ଚୟନ କରିଥିବା ପ୍ରାଥୀଙ୍କ ପାଇଁ ପ୍ରଶ୍ନ ଦୁଇଟି ଭାଷାରେ ଆସିବ । ପ୍ରାଥୀ ଦ୍ୱାରା ଚୟନିତ ଭାଷାରେ ଏବଂ ଇଂରାଜୀ ଭାଷାରେ ।

Question paper booklet for those who opted for any of the specified languages, will be bi-lingual, in the language opted by the candidate and in English.

**6.** ବିଭାଗ **"A"** ରେ ପ୍ରଶ୍ନ ପ୍ରତ୍ୟେକ ଭାଷା ପାଇଁ ନିର୍ଦ୍ଦିଷ୍ଟ ଅଟେ । ଏହା ଅଲଗା ଅଲଗା ଭାଷାରେ ଅଲଗା ଅଲଗା ଅଟେ । ଏହା ଇଂରାଜୀର ଅନୁବାଦ ନୁହେଁ । ଆପଣ ଆବେଦନରେ ଚୟନ କରିଥିବା ଏବଂ ଆଡମିଟ କାର୍ଡରେ ଅଙ୍କିତ ଭାଷାରେ ଏହାର ଉତ୍ତର ଦେବା ଆବଶ୍ୟକ ଅଟେ । ସେଗୁଡିକ ଆପଣଙ୍କ ଚୟନୀତ ନିର୍ଦ୍ଦିଷ୍ଟ ଭାଷାରେ ଥିବା ଉତ୍ତର ଆଧାରରେ ମୂଲ୍ୟାଙ୍କନ କରାଯିବ । ଯଦି ଅନ୍ୟ କୌଣସି ଭାଷାରେ ଉତ୍ତର ଦିଅନ୍ତି, ତେବେ ମାର୍କ କମି ଯିବାର ସମ୍ଭାବନା ଅଛି ।

Questions in **Section "A"** are specific to each language. They vary from language to language. They are not translated from English. They are to be attempted in the language opted by you in your application form and indicated on your Admit Card. They will be evaluated with reference to the answer keys of the specific language opted by you. If attempted in any other language, you may lose marks.

## ବିଭାଗ - 'A' : ଭାଷା

ବୃକ୍ଷଲତା ମାନବ ସମାଜର ପରମବନ୍ଧୁ । ଏହା ଅମ୍ଳଜାନ ପ୍ରଦାନ କରି ବାୟୁମଣ୍ଡଳର ଭାରସାମ୍ୟ ରଖେ । ମୂଲ୍ୟବାନ କାଠରୁ ଆମ୍ଭେମାନେ ଗୃହର ଆସବାବପତ୍ର, କଡ଼ି, ବରଣା, ଚୌକାଠ, ଦୁଆର, ଝରକା ପ୍ରଭୃତି କରିଥାଏ । ବହୁପରିମାଣରେ ଜାଳେଣିକାଠ ଆମ୍ଭେମାନେ ଜଙ୍ଗଲରୁ ହିଁ ସଂଗ୍ରହ କରିଥାଉ । ଔଷଧ ପାଇଁ ଚେର, ମୂଳ, ପତ୍ର, ଫୁଲ ଓ ଛେଲି ପ୍ରଭୃତି ବ୍ୟବହୃତ ହୁଏ । ଝୁଣା, ଲାଖ, ହରିଡା, ବାହାଡା, ସବାଇଘାସ, ବାଉଁଶ ଓ ବେତ ପ୍ରଭୃତି ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ଆମର ବହୁ ଉପକାରରେ ଆସେ । ଚମଡ଼ା, ଶିଙ୍ଗ, ହାତୀଦାନ୍ତ ଓ ହାଡ଼ ଆମ୍ଭେମାନେ ଜଙ୍ଗଲରୁ ପାଇଥାଉ । ହାତୀଦାନନ୍ତରେ ପଲଙ୍କ ଏବଂ ବିଳାସ ସାମଗ୍ରୀ ତିଆରି କରାଯାଏ । ଚମଡ଼ାରୁ ଜୋତା ତିଆରି ହୁଏ । ଶିଙ୍ଗରୁ ପାନିଆ ଏବଂ ଖେଳଣା ପ୍ରସ୍ତୁତି କରାଯାଏ । ଜଙ୍ଗଲରୁ ମିଳିଥିବା କେନ୍ଦୁପତ୍ରର ସରକାରଙ୍କର ରାଜସ୍ୱ ବୃଦ୍ଧିରେ ପ୍ରଧାନ ସହାୟକ ହୋଇଥାଏ ।

**1.** ବୃକ୍ଷଲତା ଗୁଡିକ ବାୟୁମଣ୍ଡଳ କୁ କେଉଁ ବାଷ୍ପ ପ୍ରଦାନ କରିଥାନ୍ତି ?

(1) ଉଦ୍‌ଜାନ (2) ଅମ୍ଳଜାନ (3) ଅଙ୍ଗାରକାମ୍ଳ (4) ଆରଗନ୍

**2.** ଜାଳେଣି କାଠ ପାଇଁ ମୁଖ୍ୟତଃ ଆମେ କାହା ଉପରେ ନିର୍ଭର କରିଥାଉ ?

(1) ନଦୀ (2) ବଗିଚା (3) ଜଙ୍ଗଲ (4) ଚାଷ ଜମି

**3.** ଜଙ୍ଗଲରୁ ମିଳୁଥିବା କେଉଁ ଦ୍ରବ୍ୟରୁ ଔଷଧ ତିଆରି ହୋଇଥାଏ ?

(1) ହାତୀଦାନ୍ତ (2) ଚମଡ଼ା (3) ଚେର (4) ବେତ

**4.** ଜୋତା ତିଆରି ପାଇଁ କେଉଁ ଜଙ୍ଗଲଜାତ ଦ୍ରବ୍ୟ ଆବଶ୍ୟକ ?

(1) ଶିଙ୍ଗ (2) ଚମଡ଼ା (3) ବାଉଁଶ (4) ଲାଖ

**5.** ସରକାରଙ୍କର ରାଜସ୍ୱ ବୃଦ୍ଧିରେ କେଉଁ ଜଙ୍ଗଲଜାତ ଦ୍ରବ୍ୟର ମୁଖ୍ୟ ସହଯୋଗ ରହିଥାଏ ?

(1) କେନ୍ଦୁପତ୍ର (2) ବାଉଁଶ (3) ସବାଇଘାସ (4) ହାତୀଦାନ୍ତ

**6.** ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ କେଉଁ କ୍ରମରେ ରଖିଲେ ଏକ ଅର୍ଥପୂର୍ଣ୍ଣ ବାକ୍ୟ ଗଠନ ହେବ ?

(a) ମିଳିଥିଲା (b) ଶିଖିବାକୁ (c) ମୋତେ (d) କିଛି

(1) abcd (2) dbca (3) cdba (4) dcab

**7.** ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ କେଉଁ କ୍ରମରେ ରଖିଲେ ଏକ ଅର୍ଥପୂର୍ଣ୍ଣ ବାକ୍ୟ ଗଠନ ହେବ ?

(a) ଜଣେ (b) ମୁଁ (c) ଖେଳାଳୀ (d) ମଧ୍ୟ

(1) abcd (2) bdac (3) acdb (4) dcab

**8.** ନିମ୍ନରେ ଦିଆଯାଇଥିବା ପଦଗୁଡିକୁ କେଉଁକ୍ରମରେ ରଖିଲେ ଏକ ଅର୍ଥପୂର୍ଣ୍ଣ ବାକ୍ୟ ଗଠନ ହେବ ?

(a) କେତେଟା (b) ତୁମ ସ୍କୁଲ (c) ଖୋଲା ରହିଥାଏ (d) ପର୍ଯ୍ୟନ୍ତ

(1) cdab (2) adbc (3) dbac (4) badc

**9.** ସଠିକ୍ ବନାନଟିକୁ ବାଛି ଶୂନ୍ୟସ୍ଥାନ ପୂରଣ କର ।

ଶିକ୍ଷକଙ୍କ_________ ଗ୍ରହଣ କରିବା ଆବଶ୍ୟକ ।

(1) ପରାମର୍ସ (2) ପରାମାର୍ଶ (3) ପରାମର୍ଶ (4) ପାରାମର୍ଶ

**10.** 'ଖାଲ' ର ବିପରୀତ ଶବ୍ଦଟି କ'ଣ ?

(1) ଗଡ଼ାଣି (2) ଢିପ (3) ମସୃଣ (4) ଚଉଡ଼ା

**11.** 'ଆବାହନ' ର ବିପରୀତ ଶବ୍ଦଟି କ'ଣ ?

(1) ଆରୋହଣ (2) ବିସର୍ଜନ (3) ଅପରାହ୍ନ (4) ଅପହରଣ

12. ସୁନାହାର _________ ଝିଅକୁ ଭାରି ମାନୁଛି ।

(1) ପାଇଁ (2) ଟି (3) କୁ (4) ଯୋଗୁଁ

13. ମୁକ୍ତିକୁ କାମନା କରୁଥିବା ବ୍ୟକ୍ତିଙ୍କୁ _________ କୁହାଯାଏ ।

(1) ମୁକ୍ତିକାମୀ (2) ମୁକ୍ତିଯୋଦ୍ଧା (3) ସ୍ୱାଧିନ (4) ସାହାସୀ

14. ମାମୁଁର ସ୍ତ୍ରୀଲିଙ୍ଗ ଲେଖ ।

(1) ମାଉସୀ (2) ମାଇଁ (3) ପିଉସୀ (4) ମାମୁଁଙ୍କ ସ୍ତ୍ରୀ

15. ଶାମ୍ବ ଦଶମୀ ଦିନ କେଉଁ ଦେବତାଙ୍କୁ ଆରାଧନା କରାଯାଏ ?

(1) ବରୁଣ (2) ଇନ୍ଦ୍ର (3) ସୂର୍ଯ୍ୟ (4) ଚନ୍ଦ୍ର

16. ଓଡ଼ିଶା ରାଜ୍ୟର ଜିଲ୍ଲା ସଂଖ୍ୟା କେତେ ?

(1) 14 (2) 20 (3) 25 (4) 30

17. ଅନେକ ରାଜ୍ୟ _________ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଆମ ଦେଶ ଗଠିତ ।

(1) ପାଇଁ (2) ଯୋଗୁଁ (3) ଏବଂ (4) ବ୍ୟତୀତ

18. ଗୋଲାକାର ବସ୍ତୁକୁ _________ କୁହାଯାଏ ।

(1) ଗୋଲକ (2) ଗୋଲୋକ (3) ଗଲୋକ (4) ଗୋଲାକ

**19.** ଆମ ବିଦ୍ୟାଳୟ କରୋନା ମହାମାରୀ __________ ତିନିମାସ ବନ୍ଦ ରହିଥିଲା ।

(1) ରେ (2) ଠାରୁ (3) ଯୋଗୁଁ (4) ସହିତ

**20.** ପିଲାଟି ପୋଖରୀରେ ଗାଧୋଇଲା ସମୟରେ ଶିଉଳୀ __________ ଗୋଡ଼ ଖସିଗଲା ।

(1) ମଧ୍ୟରେ (2) ସହ (3) ଦ୍ୱାରା (4) ରେ

**21.** ବାୟୁମଣ୍ଡଳରେ କେଉଁ ଗ୍ୟାସ୍ ଆମ ଶ୍ୱାସ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ ?

(1) ଯବକ୍ଷାରଜାନ (2) ଅଙ୍ଗାରକାମ୍ଳ

(3) ମିଥେନ (4) ଅମ୍ଳଜାନ

**22.** ଆନ୍ଧ୍ର ସରକାର ଓଡ଼ିଶା ଆଖିରେ ଅଙ୍ଗୁଠି __________ ଆନ୍ଧ୍ର ସୀମା ନିକଟରେ ଥିବା ସବୁ ଓଡ଼ିଶା ଅଞ୍ଚଳକୁ କାବୁ କରିବାକୁ ବସିଲେଣି ।

(1) ବାଡ଼େଇ (2) ଫୁଟାଇ (3) କାଢ଼ି (4) ଗେଞ୍ଜି

**23.** ବନ୍ଧୁର ଶବ୍ଦର ବିପରୀତ ଶବ୍ଦ ଅଟେ __________ ।

(1) ମସୃଣ (2) ମଛର (3) କଠିନ (4) ନମନୀୟ

**24.** 'ସ୍ୱୟଂ ଚାଳିତ' ର ଅର୍ଥ କ'ଣ ?

(1) ଯାହା ଚାଲେ

(2) ଯାହା ଚଳନ ଯୋଗ୍ୟ

(3) ବିନା ସାହାଯ୍ୟରେ ଆପେ ଆପେ ଚାଲୁଥିବା ଯନ୍ତ୍ରପାତି

(4) ଚଳନ ଯୋଗ୍ୟ ଯନ୍ତ୍ର

**25.** ସୂର୍ଯ୍ୟ ମନ୍ଦିର କେଉଁଠାରେ ଅଛି ?

(1) ଭୁବନେଶ୍ୱର (2) ସମ୍ବଲପୁର (3) ପୁରୀ (4) କୋଣାର୍କ

## SECTION – 'B' : MATHEMATICS

**26.** Which one of the following is the incorrect option ?




(1) l=19.2 cm, b=12.5 cm
(2) l=16 cm, b=15 cm
(3) l=54 cm, b=5 cm
(4) l=32 cm, b=7.5 cm

**27.** Convert the fraction $15\frac{1}{25}$ into a decimal number.

(1) 150.4 (2) 15.04 (3) 1504 (4) 1.504

**28.** A webinar has three intervals of 5 minutes each. What is the total duration of the intervals in seconds ?

(1) 1000 (2) 800 (3) 900 (4) 1500

**29.** What is the weight of two dozen biscuits if each biscuit weighs 4 g ?

(1) 24 g (2) 64 g (3) 48 g (4) 96 g

**30.** Select values of m, n to make the statement true.

$127 \times 15 = (\underline{\quad m \quad} \times 15) + (\underline{\quad n \quad} \times 15)$

(1) m = 100, n = 15
(2) m = 120, n = 15
(3) m = 15, n = 27
(4) m = 100, n = 27

**31.** Which one of the following are arranged in descending order ?

(1) $\frac{2}{5}, \frac{2}{7}, \frac{2}{13}, \frac{2}{9}, \frac{2}{3}$
(2) $\frac{6}{11}, \frac{14}{11}, \frac{10}{11}, \frac{4}{11}, \frac{2}{11}$
(3) $\frac{7}{6}, \frac{7}{8}, \frac{7}{12}, \frac{7}{15}, \frac{7}{18}$
(4) $\frac{10}{9}, \frac{13}{9}, \frac{5}{9}, \frac{15}{9}, \frac{7}{9}$

**32.** Which one of the following figures is not symmetrical along the dotted line ?

(1)
(2) 
(3)
(4) 

## ବିଭାଗ - ‘B’ : ଗଣିତ

**26.** ନିମ୍ନଲିଖିତ ମଧ୍ୟରୁ କେଉଁ ବିକଳ୍ପଟି ଠିକ୍ ନୁହେଁ ?




(1) l=19.2 cm, b=12.5 cm (2) l=16 cm, b=15 cm
(3) l=54 cm, b=5 cm (4) l=32 cm, b=7.5 cm

**27.** ଭଗ୍ନାଂଶ $15\frac{1}{25}$ କୁ ଏକ ଦଶମିକ ସଂଖ୍ୟାରେ ପରିଣତ କର ।

(1) 150.4 (2) 15.04 (3) 1504 (4) 1.504

**28.** ଏକ ୱେବିନାର ପ୍ରତ୍ୟେକ 5 ମିନିଟର ତିନୋଟି ଅନ୍ତରାଳ ଅଛି । ସେଇ ଅନ୍ତରାଳର ମୋଟ ଅବଧି ସେକେଣ୍ଡରେ କେତେ ହେବ ?

(1) 1000 (2) 800 (3) 900 (4) 1500

**29.** ଯଦି ପ୍ରତ୍ୟେକ ବିସ୍କୁଟର ଓଜନ 4 g ହୁଏ, ତେବେ ଦୁଇ ଡଜନ ବିସ୍କୁଟର ଓଜନ କେତେ ହେବ ?

(1) 24 g (2) 64 g (3) 48 g (4) 96 g

**30.** ଦିଆଯାଇଥିବା ବକ୍ତବ୍ୟକୁ ସତ୍ୟସିଦ୍ଧ କରିବା ପାଇଁ m, n ର ମୂଲ୍ୟ ଚୟନ କର ।

$127 \times 15 = (\underline{\quad m \quad} \times 15) + (\underline{\quad n \quad} \times 15)$

(1) m = 100, n = 15 (2) m = 120, n = 15
(3) m = 15, n = 27 (4) m = 100, n = 27

**31.** ନିମ୍ନ ମଧ୍ୟରୁ କେଉଁ ଗୁଡିକ ଅଧଃକ୍ରମରେ ସଜ୍ଜା ଯାଇଛି ?

(1) $\frac{2}{5}, \frac{2}{7}, \frac{2}{13}, \frac{2}{9}, \frac{2}{3}$ (2) $\frac{6}{11}, \frac{14}{11}, \frac{10}{11}, \frac{4}{11}, \frac{2}{11}$

(3) $\frac{7}{6}, \frac{7}{8}, \frac{7}{12}, \frac{7}{15}, \frac{7}{18}$ (4) $\frac{10}{9}, \frac{13}{9}, \frac{5}{9}, \frac{15}{9}, \frac{7}{9}$

**32.** ନିମ୍ନ ମଧ୍ୟରୁ କେଉଁ ଆକୃତି, ବିନ୍ଦୁକିତ ରେଖା ସହ ପ୍ରତିସମ ନୁହେଁ ?

(1) (2)  (3) (4) 

**33.** In 563672, the place value of 6 at the ten thousands place is ______ times the place value of 6 at the hundreds place.

(1) 1000 (2) 100 (3) 10 (4) 10000

**34.** 128400 pens are to be packed in cartons with 150 pens in each. How many cartons will be needed ?

(1) 856 (2) 805 (3) 846 (4) 876

**35.** Find the area of the shaded part of the figure.




(1) 161 sq. cm (2) 171 sq. cm (3) 173 sq. cm (4) 163 sq. cm

**36.** Choose a figure that will continue the series in the given figure.




(1)  (2)  (3)  (4) 

**37.** What would be the price of seven chairs, if the price of one chair is ₹ 7642.45 ?

(1) ₹ 53497.35 (2) ₹ 53497.15 (3) ₹ 53499.15 (4) ₹ 53597.15

**38.** Fill in the blank with the correct option.

CCCXC + LIX = _______.

(1) CCCCXLIX (2) CDXLIX (3) CDCXLIX (4) CDXXXXIX

**39.** In a particular year, 76,43,872 students appeared for an exam. Out of them if 42,37,602 were girls, how many were boys ?

(1) 43,06,270 (2) 34,56,270 (3) 34,06,270 (4) 43,05,370

**33.** 563672 ରେ ସ୍ଥାନୀୟ ମାନ, ଶହ ସ୍ଥାନରେ 6 ରେ ସ୍ଥାନୀୟ ମାନର ______ ଗୁଣ ଅଟେ ।

(1) 1000 (2) 100 (3) 10 (4) 10000

**34.** ପ୍ରତ୍ୟେକ ବାକ୍ସରେ 150 ଟି ପେନ ରଖିଲେ, 128400 ଟି ପେନ ରଖିବାକୁ କେତୋଟି ବାକ୍ସର ଆବଶ୍ୟକତା ହେବ ?

(1) 856 (2) 805 (3) 846 (4) 876

**35.** ଚିତ୍ରର ଛାୟାଙ୍କିତ ଅଂଶର କ୍ଷେତ୍ରଫଳ ବାହାର କର ।




(1) 161 sq. cm (2) 171 sq.cm (3) 173 sq. cm (4) 163 sq.cm

**36.** ଏକ ଆକୃତି ଚୟନ କର ଯାହା ଦିଆଯାଇଥିବା ଆକୃତି କ୍ରମରେ ପରବର୍ତ୍ତୀ ସ୍ଥାନରେ ଆସିବ ।




(1)  (2)  (3)  (4) 

**37.** ଯଦି ଗୋଟିଏ ଚଉକିର ମୂଲ୍ୟ Rs. 7642.45 ହୁଏ, ତେବେ ସାତଟି ଚଉକିର ମୂଲ୍ୟ କେତେ ହେବ ?

(1) Rs. 53497.35 (2) Rs. 53497.15 (3) Rs. 53499.15 (4) Rs. 53597.15

**38.** ସଠିକ ବିକଳ୍ପ ଦେଇ ଶୂନ୍ୟସ୍ଥାନ ପୂରଣ କର ।

CCCXC + LIX = _______

(1) CCCCXLIX (2) CDXLIX (3) CDCXLIX (4) CDXXXXIX

**39.** ଏକ ନିର୍ଦ୍ଦିଷ୍ଟ ବର୍ଷରେ 76,43,872 ଜଣ ଛାତ୍ର ଗୋଟିଏ ପରୀକ୍ଷା ଦେଇଥିଲେ । ଯଦି ସେମାନଙ୍କ ମଧ୍ୟରୁ 42,37,602 ଜଣ ବାଳିକା ଥିଲେ, ତେବେ କେତେ ଜଣ ବାଳକ ଥିଲେ ?

(1) 43,06,270 (2) 34,56,270 (3) 34,06,270 (4) 43,05,370

**40.** Shreya has 32 red pens and 56 blue pens. She wants to make packs of equal number of pens out of them in such a way that each pack has pens of only one colour. How many pens would be there in the biggest pack ?

(1) 4 (2) 8 (3) 16 (4) 12

**41.** I am a five-digit even number. I have 9 at my tens place. The digit at the ten thousands place is three less than the digit at the tens place. The digit at the hundreds place is half the value of the digit at the ten thousand place. The digit at the thousand place is double the digit at the ones place. Who am I ?

(1) 68494 (2) 61392 (3) 64391 (4) 68394

**42.** What would be the water image of

?

(1) (2) (3) (4)

**43.** Which of the following numerals are arranged in ascending order ?

(1) 6821, 6812, 6261, 2861 (2) 9075, 7905, 9701, 5907

(3) 10529, 12049, 12509, 15249 (4) 23124, 23213, 21467, 2764

**44.** What should be subtracted from 3 million to get 1765498 ?

(1) 1,234,602 (2) 1,234,502 (3) 1,324,502 (4) 1,234,402

**45.** An athlete finishes 400 m race in 48 seconds. How many minutes has he spent in running if he ran five times on the same track at the same speed ?

(1) 4 (2) 3.5 (3) 5 (4) 6

**46.** Select the next figure in the pattern :



(1)  (2)  (3)  (4) 

**47.** Rounding off 7348561 to the nearest hundreds is ________.

(1) 7348000 (2) 7348600 (3) 7348560 (4) 7348500

**40.** ଶ୍ରେୟା ପାଖରେ 32 ଟି ନାଲି ଏବଂ 56 ଟି ନୀଳ ପେନ ଅଛି । ସେ ଏହାକୁ ଏଭଳି ପ୍ୟାକ କରିବାକୁ ଚାହୁଁଛି ଯେ ପ୍ରତ୍ୟେକ ପ୍ୟାକରେ ପେନର ସଂଖ୍ୟା ସମାନ ହେବ ଏବଂ ଗୋଟିଏ ରଙ୍ଗର ପେନ ରହିବ । ସବୁଠୁ ବଡ ପ୍ୟାକରେ କେତୋଟି ପେନ ରହିବ ?

(1) 4 (2) 8 (3) 16 (4) 12

**41.** ମୁଁ ଏକ ପାଞ୍ଚ ଅଙ୍କ ବିଶିଷ୍ଟ ଯୁଗ୍ମ ସଂଖ୍ୟା ଅଟେ । ମୋର ଦଶକ ସ୍ଥାନରେ 9 ଅଛି । ଦଶ ହଜାର ସ୍ଥାନରେ ଥିବା ଅଙ୍କ, ଦଶକ ସ୍ଥାନରେ ଥିବା ଅଙ୍କ ଠାରୁ 3 କମ । ଶତକ ସ୍ଥାନରେ ଥିବା ଅଙ୍କ, ଦଶ ହଜାର ସ୍ଥାନରେ ଥିବା ଅଙ୍କର ଅଧା ଅଟେ । ହଜାର ସ୍ଥାନରେ ଥିବା ଅଙ୍କ, ଏକକ ସ୍ଥାନରେ ଥିବା ଅଙ୍କର ଦୁଇ ଗୁଣ ଅଟେ । ମୁଁ କିଏ ?

(1) 68494 (2) 61392 (3) 64391 (4) 68394

**42.**

ର ଜଳ ପ୍ରତିବିମ୍ବ କଣ ହେବ ?

(1) (2) (3) (4)

**43.** ନିମ୍ନଲିଖିତ ମଧ୍ୟରୁ କେଉଁ ବିକଳ୍ପ ଅଧଃକ୍ରମରେ ସଜା ହୋଇଛି ?

(1) 6821, 6812, 6261, 2861 (2) 9075, 7905, 9701, 5907

(3) 10529, 12049, 12509, 15249 (4) 23124, 23213, 21467, 2764

**44.** 3 ମିଲିୟନରୁ କେତେ ବିୟୋଗ କଲେ 1765498 ହେବ ?

(1) 1,234,602 (2) 1,234,502 (3) 1,324,502 (4) 1,234,402

**45.** ଏକ ଧାବକ 400 m ରେସକୁ 48 ସେକେଣ୍ଡରେ ପୁରା କରନ୍ତି । ଯଦି ସେ ସମାନ ବେଗରେ ସମାନ ଟ୍ରାକରେ ପାଞ୍ଚ ଥର ଦଉଡନ୍ତି, ତେବେ ତାଙ୍କୁ କେତେ ମିନିଟ ଲାଗିବ ?

(1) 4 (2) 3.5 (3) 5 (4) 6

**46.** ଏହି ଶୈଳୀରେ ପରବର୍ତ୍ତୀ ଆକୃତି କଣ ହେବ ?



(1)  (2)  (3)  (4) 

**47.** 7348561 କୁ ନିକଟତମ ଶହ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍କ କଲେ ________ ଲେଖାଯିବ ।

(1) 7348000 (2) 7348600 (3) 7348560 (4) 7348500

**48.** If ▲ + ▲ + = 420 and - ▲ = 90, then what is the value of ?

(1) 100 (2) 200 (3) 90 (4) 120

**49.** Seventy six lakh four thousand eighty three is written as _______ in the international number system.

(1) 7,640,083 (2) 76,483 (3) 760,483 (4) 7,604,083

**50.** Prisha weighs 42 kg and Kyra weighs 39.5 kg. What is their total weight ?

(1) 82500 g (2) 8250 g (3) 81500 g (4) 8150 g

**51.** Which one of the following options is incorrect ?

(1) $\frac{2}{5} = 0.4$ (2) $1.147 > 1.039$ (3) $5.862 < 5.9$ (4) $3.21 > 3.222$

**52.** How many parts of the given figure should be shaded to represent $\frac{3}{7}$ ?



(1) 4 (2) 12 (3) 8 (4) 6

**53.** Sum of place values of the underlined digits in the given numbers is _______.

69<u>5</u>28<u>1</u>     5<u>3</u>485<u>7</u>3

(1) 305071 (2) 300551 (3) 305017 (4) 3005071

**54.** Choose the smallest possible 7-digit number that you can form using each of the following digits 5, 1, 8, 0, 3.

(1) 1310058 (2) 1001358 (3) 1130058 (4) 1000358

**55.** Anil had 78.6 m fabric which was just enough to make one set of uniform for 12 students. How much fabric would be used to make one uniform ?

(1) 6.05 m (2) 6.65 m (3) 6.55 m (4) 6.25 m

**56.** An oil tank can hold 60 litres of oil. Another oil tank can hold thrice as much. What is the total capacity of both the tanks ?

(1) 180 litres (2) 240 litres (3) 120 litres (4) 300 litres

**48.** ଯଦି ▲ + ▲ + = 420 ଏବଂ - ▲ = 90 ତେବେ ର ମୂଲ୍ୟ କେତେ ?

(1) 100 (2) 200 (3) 90 (4) 120

**49.** ଛଅସ୍ତୋରି ଲକ୍ଷ ଚାରି ହଜାର ତେଇଆଅସିକୁ ଇଣ୍ଟରନାସ୍ନାଲ୍ ନମ୍ବର ସିଷ୍ଟମରେ କିଭଳି ଲେଖାଯିବ _______ ।

(1) 7,640,083 (2) 76,483 (3) 760,483 (4) 7,604,083

**50.** ପ୍ରିସାର ଓଜନ 42 kg ଏବଂ କାଇରାର ଓଜନ 39.5 kg ଅଟେ । ସେମାନଙ୍କ ମୋଟ ଓଜନ କେତେ ?

(1) 82500 g (2) 8250 g (3) 81500 g (4) 8150 g

**51.** ଏମାନଙ୍କ ମଧ୍ୟରୁ କେଉଁ ବିକଳ୍ପ ଭୁଲ ଅଟେ ?

(1) $\frac{2}{5} = 0.4$ (2) 1.147 > 1.039 (3) 5.862 < 5.9 (4) 3.21 > 3.222

**52.** $\frac{3}{7}$ କୁ ଦର୍ଶାଇବା ପାଇଁ ଦିଆଯାଇଥିବା ଚିତ୍ରର କେତେ ଅଂଶ ଛାୟାଙ୍କିତ (ସେଡେଡ) ହେବା ଆବଶ୍ୟକ ?



(1) 4 (2) 12 (3) 8 (4) 6

**53.** ଦିଆଯାଇଥିବା ସଂଖ୍ୟାଗୁଡିକରେ ଅଙ୍କମାନଙ୍କ ସ୍ଥାନୀୟ ମାନର ଯୋଗଫଳ _______ ହେବ ।

69<u>5</u>28<u>1</u> 5<u>3</u>485<u>7</u>3

(1) 305071 (2) 300551 (3) 305017 (4) 3005071

**54.** ନିମ୍ନଲିଖିତ ଅଙ୍କ 5, 1, 8, 0, 3 ଗୁଡିକୁ ବ୍ୟବହାର କରି 7-ଅଙ୍କ ବିଶିଷ୍ଟ କେଉଁ ବୃହତ୍ତମ ସଂଖ୍ୟା ଗଠନ କରିପାରିବ, ଚୟନ କର ।

(1) 1310058 (2) 1001358 (3) 1130058 (4) 1000358

**55.** ଅନିଲ୍ ପାଖରେ 78.6 m କପଡ଼ା ଅଛି, ଯାହାକି 12 ଜଣ ଛାତ୍ରଙ୍କର ଗୋଟିଏ ସେଟ୍ ୟୁନିଫର୍ମ ତିଆରି କରିବା ପାଇଁ ଯଥେଷ୍ଟ ।

(1) 6.05 m (2) 6.65 m (3) 6.55 m (4) 6.25 m

**56.** ଏକ ତେଲ ଟାଙ୍କିରେ 60 ଲିଟର ତେଲ ରହି ପାରେ । ଆଉ ଏକ ଟାଙ୍କିରେ ଏହାର ତିନିଗୁଣ ତେଲ ରହି ପାରେ । ଉଭୟ ଟାଙ୍କିର ସମୁଦାୟ କ୍ଷମତା କେତେ ?

(1) 180 litres (2) 240 litres (3) 120 litres (4) 300 litres

**57.** If the cost of fencing 1 m is ₹ 215, then find the cost of fencing a park with length 45 m and breadth 23 m.

(1) ₹ 29240 (2) ₹ 25340 (3) ₹ 29440 (4) ₹ 29540

**58.** Solve : $\frac{6}{8} \div \frac{3}{2} \times \frac{4}{5}$

(1) $\frac{3}{5}$ (2) $\frac{3}{8}$ (3) $\frac{5}{8}$ (4) $\frac{2}{5}$

**59.** The product of the LCM and HCF of two numbers is 322. If one of the numbers is 23, what is the other ?

(1) 7 (2) 14 (3) 18 (4) 46

**60.** Identify the greatest fraction from the following :

$\frac{2}{11}, \frac{2}{7}, \frac{2}{13}, \frac{2}{9}, \frac{2}{3}$

(1) $\frac{2}{11}$ (2) $\frac{2}{9}$ (3) $\frac{2}{7}$ (4) $\frac{2}{3}$

**61.** How many acute angles are there inside the given figure ?



(1) 4 (2) 6 (3) 5 (4) 7

**62.** Which one of the following is not an equivalent fraction of $\frac{5}{7}$ ?

(1) $\frac{15}{21}$ (2) $\frac{45}{56}$ (3) $\frac{25}{35}$ (4) $\frac{10}{14}$

**63.** Raman started a journey 4 hours before Sameer. If Sameer started his journey at 2:15 p.m. at what time did Raman start his journey ?

(1) 09:15 hours (2) 11:15 hours (3) 10:15 hours (4) 14:15 hours

**64.** Identify the angle created by the minute hand and the hour hand at 2:30 p.m.

(1) Acute (2) Obtuse (3) Straight (4) Right

**57.** 1 m ବାଡ ବୁଜିବା ପାଇଁ Rs. 215 ଖର୍ଚ୍ଚ ହୁଏ । 45 m ଦୈର୍ଘ୍ୟ ଏବଂ 23 m ପ୍ରସ୍ଥ ବିଶିଷ୍ଟ ଏକ ପାର୍କର ବାଡ ବୁଜିବା ପାଇଁ କେତେ ଖର୍ଚ୍ଚ ହେବ ?

(1) Rs. 29240 (2) Rs. 25340 (3) Rs. 29440 (4) Rs. 29540

**58.** ସମାଧାନ କର : $\frac{6}{8}\div\frac{3}{2}\times\frac{4}{5}$

(1) $\frac{3}{5}$ (2) $\frac{3}{8}$ (3) $\frac{5}{8}$ (4) $\frac{2}{5}$

**59.** ଦୁଇଟି ସଂଖ୍ୟାର ଲ.ସା.ଗୁ. ଓ ଗ.ସା.ଗୁ. ର ଗୁଣଫଳ 322 ଅଟେ । ଯଦି ସେମାନଙ୍କ ମଧ୍ୟରୁ ଗୋଟିଏ ସଂଖ୍ୟା 23 ହୁଏ, ତେବେ ଅନ୍ୟ ସଂଖ୍ୟାଟି କେତେ ?

(1) 7 (2) 14 (3) 18 (4) 46

**60.** ନିମ୍ନଲିଖିତ ମଧ୍ୟରୁ ବୃହତ୍ତମ ଭଗ୍ନାଂଶ ଚିହ୍ନଟ କର ।

$\frac{2}{11}, \frac{2}{7}, \frac{2}{13}, \frac{2}{9}, \frac{2}{3}$

(1) $\frac{2}{11}$ (2) $\frac{2}{9}$ (3) $\frac{2}{7}$ (4) $\frac{2}{3}$

**61.** ପ୍ରଦତ୍ତ ଚିତ୍ର ଭିତରେ କେତୋଟି ସୂକ୍ଷ୍ମ କୋଣ ଅଛି ?



(1) 4 (2) 6 (3) 5 (4) 7

**62.** ନିମ୍ନ ମଧ୍ୟରୁ କେଉଁଟି $\frac{5}{7}$ ର ଏକ ସମତୁଲ୍ୟ ଭଗ୍ନାଂଶ ନୁହେଁ ?

(1) $\frac{15}{21}$ (2) $\frac{45}{56}$ (3) $\frac{25}{35}$ (4) $\frac{10}{14}$

**63.** ସମୀରର 4 ଘଣ୍ଟା ପୂର୍ବରୁ ରମନ ଯାତ୍ରା ଆରମ୍ଭ କରିଥିଲା । ଯଦି ସମୀର 2:15 p.m. ରେ ଯାତ୍ରା ଆରମ୍ଭ କରିଥିଲା, ତେବେ ରମନ କେଉଁ ସମୟରେ ଯାତ୍ରା ଆରମ୍ଭ କରିଥିଲା ?

(1) 09:15 ଇ (2) 11:15 ଇ (3) 10:15 ଇ (4) 14:15 ଇ

**64.** 2:30 p.m. ସମୟରେ ମିନିଟ କଣ୍ଟା ଏବଂ ଘଣ୍ଟା କଣ୍ଟା ମଧ୍ୟରେ ସୃଷ୍ଟି ହେଉଥିବା କୋଣ ଚିହ୍ନଟ କର ।

(1) ସୂକ୍ଷ୍ମ କୋଣ (2) ସ୍ଥୁଳ କୋଣ (3) ସରଳ କୋଣ (4) ସମକୋଣ

**65.** The area of a triangle whose base is 12 cm and the height twice the base, is __________ .

(1) 288 sq. cm (2) 144 sq. cm (3) 289 sq. cm (4) 298 sq. cm

**66.** If the classes for the senior students start everyday at 8:35 a.m. and end at 1:45 p.m. (with no breaks), find the total duration of the classes.

(1) 4 hours 40 minutes (2) 310 minutes

(3) 5 hours 20 minutes (4) 315 minutes

**67.** What must be added to 2.4624 to get 6.785 ?

(1) 4.321 (2) 4.3221 (3) 4.3226 (4) 4.3229

**68.** What is the side of a cube, if its volume is 64 cu.cm ?

(1) 12 cm (2) 4 cm (3) 8 cm (4) 16 cm

**69.** What is the fraction that the sum of the shaded regions represent ?



(1) $\frac{10}{12}$ (2) $\frac{1}{4}$ (3) 1 (4) $1\frac{1}{12}$

**70.** A dealer purchased 50 tables for ₹ 4570 each. Nine tables got damaged in transit. He sold the remaining tables for ₹ 5000 each. Choose the most appropriate statement for this case ?

(1) He was able to recover the cost of the damaged tables.

(2) He made a profit of ₹ 25000.

(3) He incurred a loss of ₹ 23500.

(4) He made a profit of ₹ 23500.

**65.** ଏକ ତ୍ରିଭୁଜର ଆଧାର 12 cm ଏବଂ ଉଚ୍ଚତା ଆଧାରର ଦୁଇଗୁଣ ଅଟେ । ତ୍ରିଭୁଜର କ୍ଷେତ୍ରଫଳ କେତେ ?

(1) 288 sq. cm (2) 144 sq. cm (3) 289 sq. cm (4) 298 sq. cm

**66.** ଯଦି ବରିଷ୍ଠ ବିଦ୍ୟାର୍ଥୀଙ୍କ କ୍ଲାସ ପ୍ରତିଦିନ 8:35 a.m. ରେ ଆରମ୍ଭ ହୁଏ ଏବଂ 1:45 p.m. ରେ ଶେଷ ହୁଏ, (ବିନା ବିରତିରେ) ତେବେ କ୍ଲାସର ମୋଟ ଅବଧି କେତେ ?

(1) 4 ଘଣ୍ଟା 40 ମିନିଟ (2) 310 ମିନିଟ

(3) 5 ଘଣ୍ଟା 20 ମିନିଟ (4) 315 ମିନିଟ

**67.** 2.4624 ରେ କେତେ ଯୋଗ କଲେ ଯୋଗଫଳ 6.785 ହେବ ?

(1) 4.321 (2) 4.3221 (3) 4.3226 (4) 4.3229

**68.** ଯଦି ଏକ ସମଘନର ଆୟତନ 64 cu.cm ହୁଏ, ତେବେ ସମଘନର ଏକ ବାହୁ କେତେ ହେବ ?

(1) 12 cm (2) 4 cm (3) 8 cm (4) 16 cm

**69.** ଛାୟାଙ୍କିତ ଅଂଶଗୁଡ଼ିକର ଯୋଗଫଳ କେଉଁ ଭଗ୍ନାଂଶକୁ ଦର୍ଶାଉଛି ?



(1) $\frac{10}{12}$ (2) $\frac{1}{4}$ (3) 1 (4) $1\frac{1}{12}$

**70.** ଏକ ବିକ୍ରେତା ପ୍ରତ୍ୟେକକୁ Rs. 4570 ମୂଲ୍ୟରେ 50 ଟି ଟେବୁଲ କିଣିଲେ । ଏହାକୁ ଆଣିଲା ବେଳେ ରାସ୍ତାରେ ୯ (ନଅ) ଟି ଟେବୁଲ ଭାଙ୍ଗିଗଲା । ସେ ପ୍ରତ୍ୟେକକୁ Rs. 5000 ମୂଲ୍ୟରେ ବଳକା ଟେବୁଲକୁ ବିକିଲା । ଏହି ସ୍ଥିତି ପାଇଁ ସବୁଠାରୁ ଉପଯୁକ୍ତ ବକ୍ତବ୍ୟ ଚୟନ କର ।

(1) ସେ ଭାଙ୍ଗି ଯାଇଥିବା ଟେବୁଲର ମୂଲ୍ୟ ଉଦ୍ଧାର କରି ପାରିଲା ।

(2) ସେ Rs. 25000 ଲାଭ ପାଇଲା ।

(3) ସେ Rs. 23500 କ୍ଷତି ସହିଲା ।

(4) ସେ Rs. 23500 ଲାଭ ପାଇଲା ।

**Instructions For Q. No. 71 - 75 : The following graph represents the activities taken up by Grade V students in a particular school. Study the graph and answer the following questions.**




**71.** How many students chose Dance ?

(1) 16 (2) 18 (3) 17 (4) 19

**72.** How many students were there in the 2 least popular activities ?

(1) 25 (2) 24 (3) 28 (4) 27

**73.** What is the total number of students in Grade V ?

(1) 80 (2) 83 (3) 85 (4) 84

**74.** How many more students chose Swimming as compared to Debate ?

(1) 6 (2) 8 (3) 5 (4) 7

**75.** The number of students who chose Painting is ______ more than the number of students who chose Theatre.

(1) 1 (2) 2 (3) 3 (4) 4

**Q. No. 71 - 75** ପାଇଁ ନିର୍ଦ୍ଦେଶାବଳୀ : ଦିଆଯାଇଥିବା ଗ୍ରାଫ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକଳାପକୁ ପ୍ରଦର୍ଶିତ କରେ । ଗ୍ରାଫଟିକୁ ପଢ଼ନ୍ତୁ ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।




**71.** କେତେଜଣ ବିଦ୍ୟାର୍ଥୀ ନୃତ୍ୟ ଚୟନ କଲେ ?

(1) 16 (2) 18 (3) 17 (4) 19

**72.** ସବୁଠାରୁ ଦୁଇଟି (2) କମ ଲୋକପ୍ରିୟ କାର୍ଯ୍ୟକଳାପରେ କେତେ ଜଣ ବିଦ୍ୟାର୍ଥୀ ଥିଲେ ?

(1) 25 (2) 24 (3) 28 (4) 27

**73.** ପଞ୍ଚମ ଶ୍ରେଣୀର ସମୁଦାୟ ବିଦ୍ୟାର୍ଥୀଙ୍କ ସଂଖ୍ୟା କେତେ ?

(1) 80 (2) 83 (3) 85 (4) 84

**74.** ତର୍କ ତୁଳନାରେ ସନ୍ତରଣ ଚୟନ କରିଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା କେତେ ଅଧିକ ଥିଲା ?

(1) 6 (2) 8 (3) 5 (4) 7

**75.** ଚିତ୍ରକଳା ଚୟନ କରିଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା, ରଙ୍ଗମଞ୍ଚ ଚୟନ କରିଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟାଠାରୁ _______ ଅଧିକ ଅଟେ ।

(1) 1 (2) 2 (3) 3 (4) 4

## SECTION – 'C' : GENERAL KNOWLEDGE

**76.** What is the major source of fresh water in India ?
(1) Ocean water (2) River water (3) Pond water (4) Ground water

**77.** Salman Rushdie won the Booker Prize for which book ?
(1) The Satanic Verses (2) Midnight's Children
(3) Fury (4) Shalimar the Clown

**78.** Who invented electric bulb ?
(1) Thomas Alva Edison (2) Alexander Graham Bell
(3) Marie Curie (4) C. V. Raman

**79.** By what other name is the Water Cycle known as ?
(1) Water movement cycle (2) Air cycle
(3) Hydrologic cycle (4) Tectonic cycle

**80.** Pick an example of water pollution.
(1) An oil spill from a large ship
(2) Animals walking along the beach
(3) Drinking water out of a plastic bottle
(4) Gasoline in a car

**81.** Who has won the Sushila Devi Literature Award for the novel "Things to Leave Behind" ?
(1) Kanika Mukherjee (2) Ram Suri
(3) Namita Gokhale (4) Rita Chandra

**82.** Where is the United Nations Headquarters located ?
(1) Vienna (2) New York (3) Paris (4) Zurich

**83.** Which classical dance form is named after the village it originated from ?
(1) Kuchipudi (2) Kathakali (3) Bharatnatyam (4) Mohiniattam

**84.** What do tissues help in ?
(1) Faster development (2) Division of labour among cells
(3) Higher reproductive potential (4) Body strength

## ବିଭାଗ - 'C' : ସାଧାରଣ ଜ୍ଞାନ

**76.** ଭାରତରେ ମଧୁର ଜଳ ର ପ୍ରମୁଖ ଉତ୍ସ କେଉଁଟି ?

(1) ସମୁଦ୍ର ଜଳ (2) ନଦୀ ଜଳ (3) ପୋଖରୀ ଜଳ (4) ଭୂମିତଳ ଜଳ

**77.** ସଲମାନ ରୁଜଦି କେଉଁ ପୁସ୍ତକ ପାଇଁ ବୁକର ପ୍ରାଇଜ ପାଇଥିଲେ ?

(1) ଦ ସାଟେନିକ ଭର୍ସେସ (2) ମିଡନାଇଟ'ସ ଚିଲରେନ

(3) ଫ୍ୟୁରି (4) ଶାଲିମାର ଦ କ୍ଲାଉନ

**78.** ଇଲେକ୍ଟ୍ରିକ ବଲ୍‌ବ କିଏ ଉଦ୍ଭାବନ କରିଥିଲେ ?

(1) ଥୋମାସ ଆଲଭା ଏଡିସନ (2) ଆଲେକ୍‌ଜାଣ୍ଡର ଗ୍ରାହାମ ବେଲ

(3) ମାରି କ୍ୟୁରି (4) ସି. ଭି. ରମଣ

**79.** ଜଳଚକ୍ର ଅନ୍ୟ କେଉଁ ନାମରେ ଜଣାଯାଏ ?

(1) ଜଳର ଗତି ଚକ୍ର (2) ପବନ ଚକ୍ର

(3) ହାଇଡ୍ରୋଲଜିକ ଚକ୍ର (4) ଟେକଟୋନୋଇକ ଚକ୍ର

**80.** ଜଳ ପ୍ରଦୂଷଣର ଏକ ଉଦାହରଣକୁ ଚୟନ କର ।

(1) ଏକ ବଡ ଜାହାଜକୁ ତେଲ ଚାରିଆଡକୁ ବୋହିଯିବା

(2) ସମୁଦ୍ରକୂଳରେ ଚାଲୁଥିବା ପଶୁ

(3) ପ୍ଲାଷ୍ଟିକ ବୋତଲକୁ ପାଣି ପିଇବା

(4) କାରରେ ବ୍ୟବହୃତ ଗ୍ୟାସୋଲିନ

**81.** "ଥିଙ୍ଗସ ଟୁ ଲିଭ ବିହାଇଣ୍ଡ" ଉପନ୍ୟାସ ପାଇଁ କିଏ ସୁଶିଳା ଦେବୀ ଲିଟରେଚର ଆୱାର୍ଡ ଜିତି ଥିଲେ ?

(1) କନିକା ମୁଖାର୍ଜୀ (2) ରାମ ସୁରି (3) ନମିତା ଗୋଖଲେ (4) ରିତା ଚନ୍ଦ୍ରା

**82.** ମିଳିତ ଜାତିସଂଘ ର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?

(1) ଭିଏନା (2) ନ୍ୟୁୟର୍କ (3) ପ୍ୟାରିସ (4) ଜୁରିକ

**83.** କେଉଁ ଶାସ୍ତ୍ରୀୟ ନୃତ୍ୟ ଶୈଳୀକୁ ତାର ଉତ୍ପତ୍ତି ସ୍ଥଳ ଗ୍ରାମର ନାମ ଆଧାରରେ ନାମିତ କରାଯାଇଛି ?

(1) କୁଚିପୁଡି (2) କଥକଲି (3) ଭରତନାଟ୍ୟମ (4) ମୋହିନୀଅଟ୍ଟମ

**84.** ଟିସୁ କେଉଁଥି ପାଇଁ ସାହାଯ୍ୟ କରେ ?

(1) ଦ୍ରୁତତମ ବିକାଶ (2) କୋଷମାନଙ୍କ ମଧ୍ୟରେ ଶ୍ରମ ବିଭାଜନ

(3) ଅଧିକ ପ୍ରଜନନ କ୍ଷମତା (4) ଶାରୀରିକ ସାମର୍ଥ୍ୟ

**85.** Which bacteria is responsible for the formation of curd ?

(1) Vibrio Cholerae (2) Lactobacillus Acidophillus

(3) Streptococcus thermophillus (4) Bacillus radicicola

**86.** Which one of the following statements is true about fossil fuels ?

(1) They are renewable resources.

(2) They are found within the top layers of the Earth's crust.

(3) They are formed over the course of ten years.

(4) They are the remains of once-living organisms.

**87.** Which sweet is deep-fried, dipped in sugar syrup, round shaped and usually orange in colour ?

(1) Gajar ka halwa (2) Rasgulla (3) Bhakarwadi (4) Jalebi

**88.** The reading above _______ on Richter scale can cause severe damage.

(1) 7 (2) 6 (3) 5 (4) 4

**89.** What does white colour in the Indian National Flag represent ?

(1) Sacrifice (2) Peace and Truth

(3) Prosperity of life (4) None of these

**90.** Pick out the incorrect statement.

(1) Gravitation affects only part of the earth.

(2) Gravitation pulls iron.

(3) Gravitation prevents things from floating.

(4) Aeroplane do not fly in the gravitational field.

**91.** Which State / Union Territory is Nanda Devi located in ?

(1) Himachal Pradesh (2) Jammu and Kashmir

(3) Uttarakhand (4) Uttar Pradesh

**85.** ଦହି ପ୍ରସ୍ତୁତ ପାଇଁ କେଉଁ ବ୍ୟାକ୍ଟେରିଆ ସାହାଯ୍ୟ କରେ ?

(1) ଭାଇବ୍ରିଓ କୋଲେରା (2) ଲାକ୍ଟୋବାସିଲସ ଏସିଡୋଫିଲସ

(3) ଷ୍ଟ୍ରେପ୍‌ଟୋକକସ ଥର୍ମୋଫିଲସ (4) ବାସିଲସ ରାଡିସିସୋଲା

**86.** ନିମ୍ନଲିଖିତ କେଉଁ ବକ୍ତବ୍ୟ ଜୀବାଶ୍ମ ଇନ୍ଧନ ବିଷୟରେ ସତ୍ୟ ଅଟେ ?

(1) ଏହା ନବୀକରଣଯୋଗ୍ୟ ସମ୍ବଳ ଅଟେ ।

(2) ଏହା ଭୂତ୍ୱକର ସବୁଠୁ ଉପର ସ୍ତର ମଧ୍ୟରେ ମିଳି ଥାଏ ।

(3) ଏହା ଦଶ ବର୍ଷରେ ଗଠିତ ହୋଇଥାଏ ।

(4) ଏହା ଏକ ସମୟରେ ବଞ୍ଚିଥିବା ପ୍ରାଣୀଙ୍କ ଅବଶେଷ ।

**87.** କେଉଁ ମିଠେଇକୁ ପ୍ରଥମେ ତେଲରେ ଛଣା ଯାଏ, ଚିନୀଶିରାରେ ବୁଡାଯାଏ, ଏହା ଗୋଲାକୃତି ଏବଂ କମଳା ରଙ୍ଗର ଅଟେ ?

(1) ଗାଜର କା ହାଲୁଆ (2) ରସଗୋଲା (3) ଭକାରୱାରୀ (4) ଜିଲାପୀ

**88.** ରିଚର ସ୍କେଲରେ ________ ଠାରୁ ଉପର ମାନ ଭୀଷଣ କ୍ଷତି କରିପାରେ ।

(1) 7 (2) 6 (3) 5 (4) 4

**89.** ଭାରତୀୟ ଜାତୀୟ ପତାକାରେ ଶ୍ୱେତ ରଙ୍ଗର ଅର୍ଥ କଣ ?

(1) ବଳିଦାନ (2) ଶାନ୍ତି ଏବଂ ସତ୍ୟ

(3) ଜୀବନର ସମୃଦ୍ଧି (4) ଏଗୁଡିକରୁ କୌଣସିଟି ନୁହେଁ

**90.** ଭୁଲ ଥିବା ବକ୍ତବ୍ୟଟିକୁ ବାହାର କର ।

(1) ମାଧ୍ୟାକର୍ଷଣ ବଳ କେବଳ ପୃଥିବୀର କିଛି ଅଂଶକୁ ପ୍ରଭାବିତ କରେ ।

(2) ମାଧ୍ୟାକର୍ଷଣ ବଳ ଲୁହାକୁ ଆକର୍ଷଣ କରେ ।

(3) ମାଧ୍ୟାକର୍ଷଣ ବଳ ଯୋଗୁଁ ବସ୍ତୁ ଭାସେ ନାହିଁ ।

(4) ମାଧ୍ୟାକର୍ଷଣ କ୍ଷେତ୍ରରେ ଉଡାଜାହାଜ ଉଡେ ନାହିଁ ।

**91.** ନନ୍ଦା ଦେବୀ କେଉଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ରେ ଅବସ୍ଥିତ ?

(1) ହିମାଚଳ ପ୍ରଦେଶ (2) ଜାମ୍ମୁ ଓ କାଶ୍ମୀର (3) ଉତ୍ତରାଖଣ୍ଡ (4) ଉତ୍ତର ପ୍ରଦେଶ

**92.** What is meant by seed coat ?

(1) Hard cover around the food stored

(2) Hard cover around the baby plant

(3) The protective outer coat of a seed

(4) Hard cover around the roots of the plant

**93.** Name the holy book of the Parsis.

(1) Bible (2) Zend Avesta (3) Quran (4) Guru Granth Sahib

**94.** Which Vitamin deficiency leads to bleeding of gums, slow healing of wounds and aching limbs ?

(1) Vitamin A (2) Vitamin B (3) Vitamin C (4) Vitamin D

**95.** Which part of the Earth supports its biodiversity ?

(1) Biosphere (2) Sanctuary

(3) Ecosystem reserve (4) Biotic community

**96.** Where did Buddha attain enlightenment ?

(1) Lumbini (2) Bodh Gaya (3) Sarnath (4) Kushinagar

**97.** What process is involved in Cloud Seeding, which is a technique that induces rain ?

(1) Adopting an agricultural practice that depends on clouds.

(2) When water vapour in the atmosphere cools and condenses around a particle of dust or salt.

(3) Making clouds and placing them in the sky.

(4) Scattering clouds to form seed like structures.

**98.** Where is the famous Meenakshi Temple located ?

(1) Ujjain (2) Varanasi (3) Madurai (4) Rameswaram

**99.** In which sport is the term 'Knock-Out' used ?

(1) Archery (2) Boxing (3) Golf (4) Billiards

**100.** Who was the Chief of Army during the Indo-Pak war, 1971 ?

(1) General PP Kumaramangalam (2) Field Marshal SHFJ Manekshaw

(3) General JN Chaudhari (4) General KS Thimayya

**92.** ବୀଜବରଣ ର ଅର୍ଥ କଣ ?

(1) ସଞ୍ଚିତ ଖାଦ୍ୟକୁ ଆବୃତ କରୁଥିବା ଦୃଢ ଆବରଣ

(2) ଅଙ୍କୁରର ଚାରାକୁ ଆବୃତ କରୁଥିବା ଦୃଢ ଆବରଣ

(3) ବୀଜର ପ୍ରତିରକ୍ଷାତ୍ମକ ବାହ୍ୟ ଆବରଣ

(4) ଉଦ୍ଭିଦର ଚେରକୁ ଆବୃତ କରୁଥିବା ଦୃଢ ଆବରଣ

**93.** ପାର୍ସିଙ୍କ ଧର୍ମଗ୍ରନ୍ଥର ନାମ ଲେଖ ।

(1) ବାଇବେଲ (2) ଜେଣ୍ଡ ଆଭିଷ୍ଟା (3) କୋରାନ (4) ଗୁରୁ ଗ୍ରନ୍ଥ ସାହେବ

**94.** କେଉଁ ଭିଟାମିନ ଅଭାବରୁ ମାଢିରୁ ରକ୍ତ କ୍ଷରଣ, ଘା ଡେରୀରେ ଶୁଖିବା, ଶରୀରର ଅଙ୍ଗ ଦରଜ ହୋଇଥାଏ ?

(1) ଭିଟାମିନ A (2) ଭିଟାମିନ B (3) ଭିଟାମିନ C (4) ଭିଟାମିନ D

**95.** ପୃଥିବୀର କେଉଁ ଭାଗ ଏହାର ଜୈବ ବିବିଧତା ପାଇଁ ସହାୟକ ହୁଏ ?

(1) ଜୈବ ମଣ୍ଡଳ (2) ଅଭୟାରଣ୍ୟ (3) ପରିବେଶ ସଂରକ୍ଷଣ (4) ଜୀବୀୟ ସମୁଦାୟ

**96.** ବୁଦ୍ଧ କେଉଁଠାରେ ନିର୍ବାଣ ପ୍ରାପ୍ତି କରିଥିଲେ ?

(1) ଲୁମ୍ବିନୀ (2) ବୋଧଗୟା (3) ସାରନାଥ (4) କୁଶୀନଗର

**97.** କ୍ଲାଉଡ ସିଡିଙ୍ଗରେ କେଉଁ ପ୍ରକ୍ରିୟା ଜଡିତ ଅଟେ ଯାହା ଏକ ବୃଷ୍ଟିପାତ ସୃଷ୍ଟି କରିବାର ପ୍ରଣାଳୀ ଅଟେ ?

(1) ବର୍ଷା ଉପରେ ନିର୍ଭର କରୁଥିବା କୃଷି ପଦ୍ଧତି ଗ୍ରହଣ କରିବା

(2) ଯେତେବେଳେ ବାୟୁମଣ୍ଡଳରେ ଥିବା ଜଳକଣା ଶୀତଳ ହୋଇ ଧୂଳିକଣା ବା ଲବଣ କଣିକା ଚାରିପଟେ ଘନୀକରଣ ହୋଇଯାଏ

(3) ମେଘର ଗଠନ କରି ଆକାଶରେ ପହଞ୍ଚାଇବା

(4) ମେଘକୁ ବିଚ୍ଛୁରଣ କରି ବୀଜ ଭଳି ସଂରଞ୍ଚନା ସୃଷ୍ଟି କରିବା

**98.** ପ୍ରସିଦ୍ଧ ମୀନାକ୍ଷୀ ମନ୍ଦିର କେଉଁଠାରେ ଅବସ୍ଥିତ ?

(1) ଉଜ୍ଜୈନ (2) ବାରାଣାସୀ (3) ମଦୁରାଇ (4) ରାମେଶ୍ୱରମ

**99.** ‘ନକ-ଆଉଟ’ ଶବ୍ଦ କେଉଁ ଖେଳରେ ବ୍ୟବହାର ହୁଏ ?

(1) ତୀରଚାଳନା (2) ମୁଷ୍ଟିଯୁଦ୍ଧ (3) ଗଲ୍ଫ (4) ବିଲିଆର୍ଡସ

**100.** 1971 ମସିହା ଇଣ୍ଡୋ-ପାକ ଯୁଦ୍ଧ ସମୟରେ ସେନା ପ୍ରମୁଖ କିଏ ଥିଲେ ?

(1) ଜେନେରାଲ PP କୁମାରମଙ୍ଗଲମ (2) ଫିଲ୍ଡ ମାର୍ସାଲ SHFJ ମନିକସାହ

(3) ଜେନେରାଲ JN ଚୌଧୁରୀ (4) ଜେନେରାଲ KS ଥିମାୟା

## SECTION – 'D' : INTELLIGENCE

**101.** Which character when placed at the sign of interrogation (?) shall complete the given pattern ?




(1) DW (2) DK (3) DE (4) DL

**102.** Choose the correct alternative.

Smoke : Pollution :: War : _?_

(1) Peace (2) Victory (3) Treaty (4) Destruction

**103.** Replace the question mark (?) in the given series.

mm, OO, qq, SS, _?_

(1) uu (2) Ss (3) UU (4) rr

**104.** Choose the correct alternative from the options for the Assertion (A) and Reason (R) given below.

**Assertion (A)** : In India, people elect their own representatives.

**Reason (R)** : India is a democratic country.

(1) 'A' is true but 'R' is false (2) 'A' is false but 'R' is true

(3) Both 'A' and 'R' are true (4) Both 'A' and 'R' are false

**105.** If GRAIN is related to WAREHOUSE, then Water is related to ______.

(1) Estuary (2) River (3) Canal (4) Dam

**106.** If in a certain language 'PARROT' is written as '123345' and 'SOAT' is written as '6425', then how would 'ROAST' be written in that code ?

(1) 34625 (2) 32564 (3) 32456 (4) 34265

**107.** 37 boys are standing in a row. Aakash is $14^{th}$ from the right end. If he is shifted six places to the left, what is his position from the left end ?

(1) 20 (2) 18 (3) 11 (4) 14

## ବିଭାଗ - 'D' : ବୁଦ୍ଧିମତ୍ତା

**101.** କେଉଁ ଅକ୍ଷର ପ୍ରଶ୍ନବାଚକ ଚିହ୍ନ (?) କୁ ପ୍ରତିସ୍ଥାପିତ କଲେ ଦିଆଯାଇଥିବା ଶୈଳୀ ପୂର୍ଣ୍ଣ ହୋଇଯିବ ?




(1) DW (2) DK (3) DE (4) DL

**102.** ସଠିକ ବିକଳ୍ପଟିକୁ ଚୟନ କର ।

ଧୂଆଁ : ପ୍ରଦୂଷଣ :: ଯୁଦ୍ଧ : ?

(1) ଶାନ୍ତି (2) ବିଜୟ (3) ଚୁକ୍ତି (4) ଧ୍ୱଂସ

**103.** ନିମ୍ନଲିଖିତ ଅନୁକ୍ରମରେ ପ୍ରଶ୍ନବାଚକ ଚିହ୍ନ (?) କୁ ପ୍ରତିସ୍ଥାପିତ କରୁଥିବା ବିକଳ୍ପଟିକୁ ଚୟନ କର ।

mm, OO, qq, SS, ?

(1) uu (2) Ss (3) UU (4) rr

**104.** ନିମ୍ନଲିଖିତ ସ୍ଥାପନା **(A)** ଏବଂ ତର୍କ **(R)** ପାଇଁ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ସଠିକ ବିକଳ୍ପ ଚୟନ କର ।

ସ୍ଥାପନା **(A) :** ଭାରତରେ ଲୋକ, ତାଙ୍କର ପ୍ରତିନିଧି ନିଜେ ବାଛନ୍ତି ।

ତର୍କ **(R) :** ଭାରତ ଏକ ଗଣତାନ୍ତ୍ରିକ ଦେଶ ।

(1) 'A' ସତ୍ୟ ଅଟେ କିନ୍ତୁ 'R' ମିଥ୍ୟା ଅଟେ ।
(2) 'A' ମିଥ୍ୟା ଅଟେ କିନ୍ତୁ 'R' ସତ୍ୟ ଅଟେ ।
(3) ଉଭୟ 'A' ଏବଂ 'R' ସତ୍ୟ ଅଟେ ।
(4) ଉଭୟ 'A' ଏବଂ 'R' ମିଥ୍ୟା ଅଟେ ।

**105.** ଯଦି ଖାଦ୍ୟଶସ୍ୟ, ଗୋଦାମ ସହ ସମ୍ପର୍କିତ, ତେବେ ଜଳ, __________ ସହ ସମ୍ପର୍କିତ ।

(1) ସଂଗମ (2) ନଦୀ (3) କେନାଲ (4) ଡ୍ୟାମ

**106.** ଏକ ନିର୍ଦ୍ଦିଷ୍ଟ ଭାଷାରେ ଯଦି 'PARROT' କୁ '123345' ଲେଖାଯାଏ ଏବଂ 'SOAT' କୁ '6425' ଲେଖାଯାଏ, ତେବେ ସେଇ କୋଡ ଭାଷାରେ 'ROAST' କୁ କିଭଳି ଲେଖାଯିବ ?

(1) 34625 (2) 32564 (3) 32456 (4) 34265

**107.** ଏକ ଧାଡିରେ 37 ଜଣ ବାଳକ ଛିଡା ହୋଇଛନ୍ତି । ଡାହାଣ ପ୍ରାନ୍ତରୁ 14 ତମ ସ୍ଥାନରେ ଆକାଶ ଅଛି । ଯଦି ତାକୁ ବାମରେ ଷଷ୍ଠ ସ୍ଥାନକୁ ଘୁଞ୍ଚାଇ ଦିଆଯାଏ, ତେବେ ପ୍ରାନ୍ତରୁ ତା'ର ସ୍ଥାନ କେତେ ହେବ ?

(1) 20 (2) 18 (3) 11 (4) 14

**108.** There are four buildings in a residential complex A, B, C and D. Each one is of a different height. D is only shorter than B. A is shorter than D and C. Which one is the shortest of them all ?

(1) A (2) B (3) C (4) D

**109.** Which sequence of mathematical symbols can replace * in the given equation to balance the equation ?

7 * 7 * 2 * 1 = 12

(1) × ÷ − (2) + − × (3) ÷ + − (4) × − ×

**110.** Surbhi is facing East. She turns 90° in the clockwise direction and moved 2 kilometers, then she turns 145° in clockwise direction and moved 1 kilometer. Which direction is she facing now ?

(1) North (2) East (3) North-West (4) South-East

**111.** Fill in the blank with one of the options given below, which is in line with the sequence in the question.

PUE, QVF, RWG, __________, TYI

(1) SXH (2) TSQ (3) ABN (4) STY

**112.** In a certain language 'FIGHT' is written as 'TGHFI', then how will 'PAPER' be written in that code ?

(1) RPEPA (2) REPPA (3) PEARP (4) PAEPR

**113.** If 35 out of 70 people are diabetic, which figure will depict the diabetic group ?



(a) (b) (c) (d)

(1) a (2) b (3) c (4) d

**108.** ଏକ ଆବାସିକ ପରିସରରେ ଚାରୋଟି ବିଲଡିଙ୍ଗ A, B, C, D ଅଛି । ପ୍ରତ୍ୟେକଙ୍କ ଉଚ୍ଚତା ଭିନ୍ନ ଭିନ୍ନ ଅଟେ । B ଠାରୁ D କେବଳ ଛୋଟ ଅଟେ । D ଏବଂ C ଠାରୁ A ଛୋଟ ଅଟେ । ସେମାନଙ୍କ ମଧ୍ୟରୁ ସବୁଠାରୁ ଛୋଟ ବିଲଡିଙ୍ଗ କେଉଁଟି ?

(1) A (2) B (3) C (4) D

**109.** ଦିଆଯାଇଥିବା ସମୀକରଣରେ * କୁ ପ୍ରତିସ୍ଥାପିତ କରିବା ପାଇଁ ଗାଣିତିକ ସଂକେତଗୁଡିକୁ କେଉଁ କ୍ରମରେ ସଜାଇବା ଆବଶ୍ୟକ ଯାହାକି ସମୀକରଣକୁ ସନ୍ତୁଳିତ କରିବ ?

7 * 7 * 2 * 1 = 12

(1) $\times \div -$ (2) $+ - \times$ (3) $\div + -$ (4) $\times - \times$

**110.** ସୁର୍ଭି ପୂର୍ବ ଆଡକୁ ମୁହଁ କରିଛି । ସେ ଘଣ୍ଟା କଣ୍ଟା ଦିକରେ 90° ବୁଲିଲା ଏବଂ 2 କିଲୋମିଟର ଚାଲିଲା । ତା'ପରେ ସେ ଘଣ୍ଟା କଣ୍ଟା ଦିଗରେ 145° ବୁଲିଲା ଏବଂ 1 କିଲୋମିଟର ଚାଲିଲା । ସେ ବର୍ତ୍ତମାନ କେଉଁ ଦିଗକୁ ମୁହଁ କରିଛି ?

(1) ଉତ୍ତର (2) ପୂର୍ବ (3) ଉତ୍ତର-ପଶ୍ଚିମ (4) ଦକ୍ଷିଣ-ପୂର୍ବ

**111.** ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଗୋଟିଏ ବିକଳ୍ପ ଚୟନ କରି ଶୂନ୍ୟସ୍ଥାନ ପୁରଣ କରନ୍ତୁ ଯାହାକୁ ପ୍ରଶ୍ନରେ ଥିବା ଅନୁକ୍ରମ ସହ ସରଳ ରେଖାରେ ଅଛି ।

PUE, QVF, RWG, __________, TYI

(1) SXH (2) TSQ (3) ABN (4) STY

**112.** ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ ଯଦି 'FIGHT' କୁ 'TGHFI' ଲେଖାଯାଏ, ତେବେ ସେଇ କୋଡ ଭାଷାରେ 'PAPER' କୁ କିଭଳି ଲେଖାଯିବ ?

(1) RPEPA (2) REPPA (3) PEARP (4) PAEPR

**113.** ଯଦି 70 ଜଣରୁ 35 ଜଣ ଡାଇବେଟିସ ରୋଗୀ ଅଟନ୍ତି, ତେବେ କେଉଁ ଆକୃତି ଡାଇବେଟିସ ରୋଗୀଙ୍କ ସମୁହକୁ ଦର୍ଶାଇବ ?



(a) (b) (c) (d)

(1) a (2) b (3) c (4) d

**114.** Which of the following diagrams best depicts the relationship between Table, Chair, Furniture ?




A B C D

(1) A (2) B (3) C (4) D

**115.** Find the missing figures from the given alternatives.




(1) 28 (2) 21 (3) 11 (4) 38

**116.** What comes in the place of question mark (?) in the following number series?

4, 12, 36, 108, 324, ?

(1) 520 (2) 475 (3) 680 (4) 972

**117.** A bus for Delhi leaves every 30 minutes from a bus station. The station master told a passenger that a bus has already left 10 minutes ago and the next bus will leave at 9:35 am. At what time the station master gave this information to the passenger ?

(1) 9:20 am (2) 9:10 am (3) 9:15 am (4) 9:25 am

**118.** If 'A' means '÷', B means '–', C means '×' and 'D' means '+', then find the value of the following equation.

16 D 64 A 4 B 4 C 3 = ?

(1) 20 (2) 15 (3) 9 (4) 17

**119.** Two positions of dice are shown below. Identify the number at the bottom when the top is '5' ?




(1) 3 (2) 2 (3) 6 (4) 4

**114.** ନିମ୍ନ ମଧ୍ୟରୁ କେଉଁ ଡାଇଗ୍ରାମ ଟେବୁଲ, ଚଉକି ଏବଂ ଆସବାବ ପଦାର୍ଥ ମଧ୍ୟରେ ଥିବା ସମ୍ପର୍କକୁ ସର୍ବୋତ୍କୃଷ୍ଟ ଭାବେ ଦର୍ଶାଉ ଅଛି ?




A B C D

(1) A (2) B (3) C (4) D

**115.** ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଖାଲି ଥିବା ସ୍ଥାନର ଚିତ୍ର ନିର୍ଣ୍ଣୟ କର ।




(1) 28 (2) 21 (3) 11 (4) 38

**116.** ନିମ୍ନଲିଖିତ ସଂଖ୍ୟା ଅନୁକ୍ରମରେ ପ୍ରଶ୍ନବାଚକ ଚିହ୍ନ (?) କୁ ପ୍ରତିସ୍ଥାପିତ କରୁଥିବା ବିକଳ୍ପଟିକୁ ଚୟନ କର ।

4, 12, 36, 108, 324, ?

(1) 520 (2) 475 (3) 680 (4) 972

**117.** ଦିଲ୍ଲୀ ପାଇଁ ଏକ ବସ ଷ୍ଟେସନରେ ପ୍ରତି 30 ମିନିଟରେ ଗୋଟିଏ ବସ ଯାଏ । ଷ୍ଟେସନ ମାଷ୍ଟର ଏକ ଯାତ୍ରୀକୁ କହିଲା ଯେ 10 ମିନିଟ ପୂର୍ବରୁ ଏକ ବସ ଚାଲିଯାଇଛି ଏବଂ ପରବର୍ତ୍ତୀ ବସ 9:35 am ରେ ଯିବ । ଷ୍ଟେସନ ମାଷ୍ଟର ଯାତ୍ରୀକୁ ଏ ସୂଚନା କେଉଁ ସମୟରେ ଦେଇଥିଲେ ?

(1) 9:20 am (2) 9:10 am (3) 9:15 am (4) 9:25 am

**118.** ଯଦି 'A' ର ଅର୍ଥ '÷', B ର ଅର୍ଥ '–', C ର ଅର୍ଥ '×' , 'D' ର ଅର୍ଥ '+' ହୁଏ, ତେବେ ନିମ୍ନଲିଖିତ ସମୀକରଣର ମୂଲ୍ୟ ନିରୂପଣ କର ।

16 D 64 A 4 B 4 C 3 = ?

(1) 20 (2) 15 (3) 9 (4) 17

**119.** ଏକ ଲୁଡୁ ଗୋଟିର ଦୁଇଟି ସ୍ଥିତି ନିମ୍ନରେ ଦର୍ଶାଯାଇଛି । ଯଦି ଏହାର ଉପର ପଟରେ '5' ଥାଏ, ତେବେ ତଳ ପଟରେ ଥିବା ସଂଖ୍ୟା କେତେ ହେବ ?




(1) 3 (2) 2 (3) 6 (4) 4

**120.** Figure  is embedded in one of the four alternatives. Find the alternative which contains figure  as its part.



(a) (b) (c) (d)

(1) a (2) b (3) c (4) d

**121.** R is K's sister. P is K's brother. Q is T's father who is P's brother. H is K's mother. At least how many sons do Q and H have ?

(1) 3 (2) 2 (3) 1 (4) 4

**122.** Which of the following option is an odd one ?

(1) PQRS (2) LMNOP (3) BCDE (4) FGHI

**123.** Which figure among the four alternatives a, b, c, d would replace the question mark in figure '4' ?




1 2 3 4



(a) (b) (c) (d)

(1) a (2) b (3) c (4) d

**124.** Find out the pair in which the words bear the same relationship to each other as the given one.
Austria : Vienna

(1) Egypt : Cairo
(2) Germany : London
(3) USA : Orlando
(4) Australia : Sydney

**125.** Which of the following words cannot be formed out of the word 'CONDUCT' ?

(1) Duct (2) Counted (3) Count (4) Donut

**- o O o -**

**120.** ଚାରୋଟି ବିକଳ୍ପରୁ କେଉଁ ଏକ ବିକଳ୍ପରେ ଆକୃତି  ନିହିତ ଅଛି । ସେଇ ବିକଳ୍ପ ଚୟନ କରନ୍ତୁ ଯେଉଁଥିରେ ତା'ର ଭାଗ ହିସାବରେ ଆକୃତି  ନିହିତ ଅଛି ।



(a) (b) (c) (d)

(1) a (2) b (3) c (4) d

**121.** R ହେଉଛନ୍ତି K ଙ୍କ ଭଉଣୀ । P ହେଉଛନ୍ତି K ଙ୍କ ଭାଇ । P ଙ୍କ ଭାଇ T ଙ୍କ ବାପା ହେଉଛନ୍ତି Q । H ହେଉଛନ୍ତି K ଙ୍କ ମା । Q ଏବଂ H ଙ୍କର ଅତି କମରେ କେତୋଟି ସନ୍ତାନ ଅଛନ୍ତି ?

(1) 3 (2) 2 (3) 1 (4) 4

**122.** ନିମ୍ନ ମଧ୍ୟରୁ ସାମଞ୍ଜସ୍ୟ ନଥିବା ବିକଳ୍ପଟି ଚୟନ କର ?

(1) PQRS (2) LMNOP (3) BCDE (4) FGHI

**123.** ଚାରୋଟି ବିକଳ୍ପ a, b, c, d ମଧ୍ୟରୁ କେଉଁଟି ଆକୃତି '4' ରେ ଥିବା ପ୍ରଶ୍ନବାଚକ ଚିହ୍ନ (?) କୁ ପ୍ରତିସ୍ଥାପିତ କରିବ ?




1 2 3 4



(a) (b) (c) (d)

(1) a (2) b (3) c (4) d

**124.** ବିକଳ୍ପ ମଧ୍ୟରୁ ଏକ ଯୋଡି ନିର୍ଣ୍ଣୟ କର ଯେଉଁଥିରେ ନିମ୍ନରେ ଦିଆଯାଇଥିବା ଶବ୍ଦ ଯୋଡ଼ିର ସମ୍ପର୍କ ଭଳି ସମାନ ସମ୍ପର୍କ ଅଛି।

ଅଷ୍ଟ୍ରିଆ : ଭିଏନା

(1) ଇଜିପ୍ଟ : କାଇରୋ (2) ଜର୍ମାନୀ : ଲଣ୍ଡନ (3) USA : ଅର୍ଲାଣ୍ଡୋ (4) ଅଷ୍ଟ୍ରେଲିଆ : ସିଡ୍‌ନୀ

**125.** ନିମ୍ନ ମଧ୍ୟରୁ କେଉଁ ଶବ୍ଦ 'CONDUCT' ରୁ ଗଠନ ହୋଇପାରିବ ନାହିଁ ?

(1) Duct (2) Counted (3) Count (4) Donut

**- o 0 o -**

## SPACE FOR ROUGH WORK

SPACE FOR ROUGH WORK

7. ନିର୍ଦ୍ଧାରିତ ସମୟରେ, ଯେତେବେଳେ ଇନଭିଜିଲେଟର ଦ୍ୱାରା ପୁସ୍ତିକା ଖୋଲିବାକୁ ନିର୍ଦ୍ଦେଶ ଦିଅନ୍ତି, ପୁସ୍ତିକା ଖୋଲନ୍ତୁ ଏବଂ ଆପଣ ଆବେଦନରେ ଚୟନ କରିଥିବା ଏବଂ ଆଡମିଟ କାର୍ଡରେ ଅଙ୍କିତ ଭାଷାରେ ବିଭାଗ **"A"** ଅଛିକି ନାହିଁ ଦେଖନ୍ତୁ । ଯଦି ନାହିଁ, ତୁରନ୍ତ ଇନଭିଜିଲେଟରଙ୍କୁ ଜଣାନ୍ତୁ ।
At the appointed time, when you are instructed to open the booklet by the Invigilator, open it and check whether it contains **Section "A"** in the language opted by you in your Application Form and indicated on your Admit Card. If not, bring it to the notice of the Invigilator immediately.

8. ଯଦି କୌଣସି ପ୍ରଶ୍ନରେ ଗଠନାତ୍ମକ / ଅନୁବାଦ ପାଇଁ ଅସ୍ପଷ୍ଟତା ପରୀକ୍ଷା ସମୟରେ ଉତ୍ପନ୍ନ ହୁଏ, ତେବେ ଇଂରାଜୀରେ ହୋଇଥିବା (ଭାଷା ବିଭାଗର ପ୍ରଶ୍ନ ଗୁଡିକ ବ୍ୟତୀତ) ପ୍ରଶ୍ନକୁ ଚୂଡାନ୍ତ କରାଯିବ ।
In case of any ambiguity in translation/construction of a question, in the version of the specified language/s, its English version (except for the language section questions) shall be treated as final.

9. ପ୍ରଶ୍ନବହିଟି **36** ପୃଷ୍ଠା ବିଶିଷ୍ଟ । ଦୟାକରି ପ୍ରଶ୍ନବହିଟିକୁ ନିରୀକ୍ଷଣ କରନ୍ତୁ ଏବଂ ସମସ୍ତ ପୃଷ୍ଠା ଅଛି, ଏହା ସୁନିଶ୍ଚିତ ହୁଅନ୍ତୁ ।
The question paper booklet is of **36** pages. Please check and ensure that the Question Paper Booklet is complete and contains all the pages.

10. ସମସ୍ତ ପ୍ରଶ୍ନର ଉତ୍ତର କେବଳ **OMR** ଉତ୍ତର ପତ୍ରରେ ଦିଅନ୍ତୁ ।
Answer all questions in the OMR Answer Sheet only.

11. **OMR** ଉତ୍ତର ପତ୍ରଟି ପ୍ରଶ୍ନବହି ମଧ୍ୟରେ ଅଛି । ଯେତେବେଳେ ଆପଣ ମାନଙ୍କୁ ପ୍ରଶ୍ନବହିଟିକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯିବ ସେତେବେଳେ **OMR** ଉତ୍ତର ପତ୍ରଟିକୁ ବାହାର କରନ୍ତୁ ଏବଂ ଦିଆଯାଇଥିବା ତଥ୍ୟକୁ ନୀଳ / କଳା କାଳି ବିଶିଷ୍ଟ ବଲ୍ ପଏଣ୍ଟ କଲମରେ ସତର୍କତାର ସହିତ ପୂରଣ କରନ୍ତୁ ।
The OMR Answer Sheet is inside this Question Paper Booklet. When you are directed to open the Question Paper Booklet, take out the OMR Answer Sheet and fill in the particulars carefully with Blue/ Black ball point pen only.

12. ପ୍ରତ୍ୟେକ ପ୍ରଶ୍ନ ପାଇଁ ଗୋଟିଏ ମାତ୍ର ବୃତ୍ତକୁ କଳା (ଡାର୍କେନ) କରନ୍ତୁ । ଯଦି ଗୋଟିଏରୁ ଅଧିକ ବୃତ୍ତକୁ କଳା (ଡାର୍କେନ) କରନ୍ତି ତେବେ ଆପଣଙ୍କର ଉତ୍ତରଟିକୁ ଭୁଲ୍ ବିବେଚନା କରାଯିବ ।
Darken only one circle as your answer for each question. If you darken more than one circle for the same question, your answer will be treated as invalid.

13. ଭୁଲ୍ ଉତ୍ତର ପାଇଁ କୌଣସି ନମ୍ବର ବିଯୁକ୍ତ (ନେଗେଟିଭ ମାର୍କିଙ୍ଗ) କରାଯିବନାହିଁ ।
There is no negative marking for a wrong answer.

14. **OMR** ଉତ୍ତର ପତ୍ରରେ କୌଣସି ଅନାବଶ୍ୟକ ଚିହ୍ନ କରନ୍ତୁ ନାହିଁ କି ମୋଡନ୍ତୁ ନାହିଁ, କି ଖରାପ କରନ୍ତୁ ନାହିଁ । ଯଦି ଏହିପରୀ କରନ୍ତି, ତେବେ ଆପଣଙ୍କର ଉତ୍ତର ପତ୍ରର ମୂଲ୍ୟାୟନ କରାଯିବ ନାହିଁ ।
Do not make unnecessary marks on the OMR answer sheet or fold or attempt to deface it. If you do so, your answer sheet will not be evaluated.

15. କେବଳ ନୀଳ / କଳା କାଳି ବିଶିଷ୍ଟ ବଲ୍ ପଏଣ୍ଟ କଲମରେ ଏହି ଉତ୍ତର ପତ୍ରରେ ଉତ୍ତର ଲେଖନ୍ତୁ । ପେନ୍ସିଲ୍‌ର ବ୍ୟବହାର କରନ୍ତୁ ନାହିଁ ।
Use Blue/Black ball point pen only for writing particulars on this page and for writing answers. Do not use pencil.

16. ରଫ କାମ କେବଳ ପ୍ରଶ୍ନବହିରେ ଦିଆ ଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ କରନ୍ତୁ ଏବଂ ଏସବୁ **OMR** ଉତ୍ତର ପତ୍ରରେ କରନ୍ତୁ ନାହିଁ ।
Rough work is to be done in the space provided for this purpose in the Question Paper Booklet only and not on the OMR sheet.

17. ପରୀକ୍ଷା ସରିବା ପରେ, **OMR** ଉତ୍ତର ପତ୍ରଟିକୁ ପରୀକ୍ଷା ଗୃହ ଛାଡିବା ପୂର୍ବରୁ ପରୀକ୍ଷା ନିରୀକ୍ଷକଙ୍କୁ ଦିଅନ୍ତୁ ।
On completion of the test, hand over the OMR Answer Sheet to the Invigilator before leaving the Room/ Hall.

18. ଆପଣ ପ୍ରଶ୍ନବହିଟି ଆପଣଙ୍କ ସହିତ ନେଇଯିବା ପାଇଁ ଅନୁମତି ଅଛି ।
You are allowed to take away this Question Paper Booklet with you.

19. ଏହି ପ୍ରଶ୍ନବହିର ସାଙ୍କେତିକ କୋଡ୍ **(CODE)** **F** । **OMR** ଉତ୍ତର ପତ୍ରରେ ଦିଆଯାଇଥିବା କୋଡ୍ **(CODE)** ଏବଂ ପ୍ରଶ୍ନବହିରେ ଦିଆଯାଇଥିବା ଏହି ସମାନ ସାଙ୍କେତିକ କୋଡ୍ **(CODE)** ଅଛି, ଏହା ସୁନିଶ୍ଚିତ କରନ୍ତୁ । ଯଦି କୌଣସି ଅସମାଞ୍ଜସ୍ୟ ଥାଏ ତେବେ ଯଥାଶୀଘ୍ର ପରୀକ୍ଷା ନିରୀକ୍ଷକଙ୍କର ନଜରକୁ ଆଣି ଉଭୟ ପ୍ରଶ୍ନବହି ଏବଂ ଉତ୍ତର ଖାତା ବଦଳାନ୍ତୁ ।
The CODE for this Booklet is **F**. Make sure that the CODE printed on the OMR Answer Sheet is the same as that on this Question Paper Booklet. In case of discrepancy, report the matter immediately to the Invigilator for replacement of both the Question Paper Booklet and the Answer Sheet.

20. ନିଜର ରୋଲ୍ ନମ୍ବରକୁ ପ୍ରଶ୍ନବହି ଏବଂ **OMR** ଉତ୍ତର ପତ୍ରରେ ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟ କେଉଁଠାରେ ଲେଖନ୍ତୁ ନାହିଁ ।
Do not write your Roll No. anywhere else except in the specified space in the Question Paper Booklet / OMR Answer Sheet.

21. କୌଣସି ପ୍ରକାରର ସଂଶୋଧନ ନିମିତ୍ତ ଧଳା ତରଳ (ହ୍ୱାଇଟ୍ ଫ୍ଲୁଇଡ)ର ବ୍ୟବହାର **OMR** ଉତ୍ତର ପତ୍ରରେ କରନ୍ତୁ ନାହିଁ ।
Do not use white fluid for carrying out any correction on the OMR Answer Sheet.